ପାଠ-୧୦

# ନରେନ୍‌ରୁ ବିବେକାନନ୍ଦ

**STUDY NOTES**

## MIND MAP



## ପ୍ରାବନ୍ଧିକ ପରିଚୟ

ଓଡ଼ିଆ ପ୍ରବନ୍ଧ ସାହିତ୍ୟର ମାନବୃଦ୍ଧି କରିଥିବା ସଫଳ ପ୍ରାବନ୍ଧିକମାନଙ୍କ ମଧ୍ୟରେ ଶରତ କୁମାର ମହାନ୍ତି ଅଗ୍ରଗଣ୍ୟ । ସେ ବିଜ୍ଞାନ, ଦର୍ଶନ, ସମାଜ, ସାହିତ୍ୟ, ସଂସ୍କୃତି ଏବଂ ଆଧ୍ୟାତ୍ମିକତା ସମ୍ବନ୍ଧରେ ଅସଂଖ୍ୟ ପ୍ରବନ୍ଧ ରଚନା କରିଛନ୍ତି । ସେ ଜଣେ ମନନଶୀଳ ପ୍ରାବନ୍ଧିକ । ତାଙ୍କ ଲିଖିତ ବିଜ୍ଞାନ ବିଷୟକ ପ୍ରବନ୍ଧ ସଂକଳନ ମଧ୍ୟରେ 'ବିଜ୍ଞାନ ଦୃଷ୍ଟି', 'ଆକାଶର ଆହ୍ୱାନ', ଆଟମ୍‌ରୁ କ୍ୱାଟମ୍, ବିଜ୍ଞାନ ଦିଗନ୍ତ ଏବଂ ଏକବିଂଶ ଶତାବ୍ଦୀର ନଷ୍ଟ ପରିବେଶ, ପ୍ରଭୃତି ପ୍ରଧାନ । ଅନ୍ୟ ସଂକଳନଗୁଡ଼ିକ ମଧ୍ୟରେ ତାଙ୍କର ସକ୍ରେଟିସ୍ ଓ ପେଟୋ, ଅସ୍ତିତ୍ୱବାଦର ମର୍ମକଥା, ଗ୍ରୀକ୍‌ଜାତିର ଜୀବନଗାଥା, ଛତ୍ରପତି ବିବେକାନନ୍ଦ, ଗାନ୍ଧି ମଣିଷ, ଇତ୍ୟାଦି ବହୁ ପୁସ୍ତକ ଲୋକପ୍ରିୟତା ଅର୍ଜନ କରିପାରିଛି ।

## ପ୍ରବନ୍ଧର ପୃଷ୍ଠଭୂମି

'ନରେନ୍‌ରୁ ବିବେକାନନ୍ଦ' ବିଷୟଟି ଲେଖକଙ୍କ ଛତ୍ରପତି ବିବେକନନ୍ଦ ପ୍ରବନ୍ଧର ଅଂଶବିଶେଷ । ଏଥିରେ ପ୍ରାବନ୍ଧିକ ଅତ୍ୟନ୍ତ ହୃଦୟସ୍ପର୍ଶୀ ତଥା ସହଜବୋଧ୍ୟ ଭାଷାରେ ଭାରତବର୍ଷର ଜଣେ ପ୍ରଖ୍ୟାତ ସନ୍ନ୍ୟାସୀ ତଥା ସନ୍ଥ ବିବେକାନନ୍ଦଙ୍କ ଜୀବନୀର କିଛି ଉପାଦେୟ ଅଂଶ ବର୍ଣ୍ଣନା କରିଛନ୍ତି ।

## ପ୍ରବନ୍ଧର ମର୍ମବାଣୀ

ପିତା ବିଶ୍ୱନାଥ ଦତ୍ତ ଇହଧାମ ତ୍ୟାଗ କରିବାର ବର୍ଷକ ପରେ ଗୁରୁ ଶ୍ରୀରାମକୃଷ୍ଣ ପୃଥିବୀରୁ ବିଦାୟ ନେଲେ । ଉଭୟ ପିତାଙ୍କୁ ହରାଇ ସଂସାରରେ ଚଳିବା ତଥା ସଂସାରକୁ ଚଳାଇବାପାଇଁ ସମ୍ପୂର୍ଣ୍ଣ ଏକୁଟିଆ ହୋଇଗଲେ ବାଇଶ ବର୍ଷର ସଂସାର ଅନଭିଜ୍ଞ ଯୁବକ ନରେନ୍ । କିନ୍ତୁ ସେ ଦୁର୍ବଳ ନଥିଲେ । ସେହି ଦୃଢ଼ମନା ବୀରପୁରୁଷ ନରେନ୍‌ଙ୍କୁ ଗୁରୁ ଶ୍ରୀରାମକୃଷ୍ଣ ତାଙ୍କ ଜୀବନର କର୍ମ ଓ ଲକ୍ଷ୍ୟ ଭଲଭାବେ ଦେଖାଇ ଦେଇଥିଲେ ।

ନରେନ୍‌ରୁ ବିବେକନନ୍ଦଙ୍କୁ ଜନ୍ମ ଦେବାପାଇଁ ଦକ୍ଷିଣେଶ୍ୱର ହୋଇଥିଲା ଏନ୍ତୁଡ଼ିଶାଳ ଏବଂ ସ୍ୱୟଂ ରାମକୃଷ୍ଣ ହୋଥିଲେ ଧାତ୍ରୀ । ବିବେକାନନ୍ଦଙ୍କର ଜନ୍ମ ପ୍ରକ୍ରିୟା ଥିଲା ଜଟିଳ, ସୂକ୍ଷ୍ମ ଓ ରହସ୍ୟମୟ, ତାଙ୍କୁ ବୁଝିବାର ଆଶା କରିବା ଧୃଷ୍ଟତା ମାତ୍ର । ଗୁରୁ ରାମକୃଷ୍ଣ ନରେନ୍‌ଙ୍କୁ ଯେଉଁ ନିର୍ଦ୍ଦିଷ୍ଟ ମାର୍ଗର ପଥିକ କରାଇଥିଲେ ତା'ର ସୂଚନା କେତୋଟି ବିଶିଷ୍ଟ ଘଟଣାରୁ ପ୍ରତୀୟମାନ ହୁଏ । ନିର୍ବିକଳ୍ପ ସମାଧିର ଦିବ୍ୟ ଅନୁଭୂତି ଲାଭକରିବା ନିମନ୍ତେ ନରେନ୍‌ଙ୍କ ହୃଦୟର ବ୍ୟାକୁଳତା ସମ୍ପର୍କରେ ଭଲଭାବରେ ଅବଗତ ଥା'ନ୍ତି ଠାକୁର ଶ୍ରୀରାମକୃଷ୍ଣ । ନରେନ୍ ମଧ୍ୟ ଜାଣିଥାଆନ୍ତି, ବିନା ଗୁରୁକୃପାରେ ଏହା ଲଭ୍ୟ ନୁହେଁ । ଶ୍ରୀରାମକୃଷ୍ଣଙ୍କ ଇହଧାମ ତ୍ୟାଗର ଅଳ୍ପଦିନ ପୂର୍ବରୁ ଦିନେ ସନ୍ଧ୍ୟାବେଳେ ନରେନ୍‌ଙ୍କର ବହୁ ଆକାଂକ୍ଷିତ ଶୁଭମୁହୂର୍ତ୍ତ ଉପସ୍ଥିତ ହେଲା । ଜ୍ଞାନଶୂନ୍ୟ ହୋଇ ସମାଧିରେ ବୁଡ଼ିଗଲେ ସେ । ରାତ୍ରି ନଅଟା ବେଳକୁ ସମାଧି ଭଙ୍ଗ ହେବାବେଳକୁ ତାଙ୍କ ହୃଦୟ ଅପୂର୍ବ ଦିବ୍ୟାନନ୍ଦରେ ପରିପୂର୍ଣ୍ଣ ଥାଏ । ଏହି ସମୟରେ ଠାକୁର ତାଙ୍କ ପାଖକୁ ଆସି କହିଲେ, ତା ହେଲେ ମାଆ ତତେ ସବୁ ଦେଖାଇଦେଲେ । ତେବେ ବର୍ତ୍ତମାନଠାରୁ ଏସବୁର ତାଲା ବନ୍ଦ ହେଲା ଓ ଚାବି ମୋ ପାଖରେ ରହିଲା । ଯେତେବେଳେ ସବୁ କାର୍ଯ୍ୟ ଶେଷ ହେବ, ସେତେବେଳେ ଏହା ପୁଣି ଫେରି ପାଇବୁ ।